ଆଜିର ଅଣ୍ଡା/ଚିକେନ ଦର

ଅଣ୍ଡା ଦର
ଟ. ୫.୬୦/-

NECC
BERHAMPUR ZONE

ଚିକେନ୍ ଦର

| | | | |
|---|---|---|---|
| ମୟୂରଭଞ୍ଜ - | ୧୩୦.୦୦ | ଖୋର୍ଦ୍ଧା - | ୧୨୮.୦୦ |
| ବାଲେଶ୍ୱର - | ୧୩୦.୦୦ | ବ୍ରହ୍ମପୁର - | ୧୩୫.୦୦ |
| ଭଦ୍ରକ - | ୧୨୮.୦୦ | ନୟାଗଡ଼ - | ୧୨୮.୦୦ |
| କେନ୍ଦୁଝର - | ୧୩୦.୦୦ | ଢେଙ୍କାନାଳ - | ୧୨୬.୦୦ |
| ଯାଜପୁର - | ୧୨୮.୦୦ | ଅନୁଗୋଳ - | ୧୨୮.୦୦ |
| କଟକ - | ୧୨୬.୦୦ | ବଲାଙ୍ଗୀର - | ୧୩୦.୦୦ |
| ଜଗତସିଂହପୁର - | ୧୨୬.୦୦ | ସମ୍ବଲପୁର - | ୧୩୦.୦୦ |
| ଭୁବନେଶ୍ୱର- | ୧୨୬.୦୦ | | |

ODISHA POULTRY INTEGRATORS

# ବୁଡ଼ ପକାଇ ଶୁଭ ମନାସିଲେ

କେନ୍ଦୁଝର/ତୁରୁମୁଙ୍ଗା,୧୪ ।୧(ଆପ୍ର): ପବିତ୍ର ମକର ସଂକ୍ରାନ୍ତିରେ ପାଟଣା ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀର ନଦୀରେ ମକର ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୈତରଣୀ ନଦୀରେ ବୁଡ଼ ପକାଇ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ବୈତରଣୀର ପବିତ୍ର ଜଳରାଶିରେ ମୁଖ୍ୟମନ୍ତ୍ରୀ ଓ ସହଧର୍ମିଣୀ ବୁଡ଼ ଦେଇ ଯଜ୍ଞ ମଣ୍ଡପରେ ବସିଥିଲେ। ନଦୀ କୂଳରେ ଥିବା ବୃନ୍ଦାବତୀ ପାଖରେ ଜଳ ଅର୍ପଣ କରି ରଘୁନାଥଜିଉ ମଠରେ ଥିବା ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିଥିଲେ। ପାଟଣା ଅଞ୍ଚଳର ଲୋକଙ୍କ ସମସ୍ୟା ବୁଝିବା ସହିତ ମେଗା ଷ୍ଟିଲ ପ୍ଲାଣ୍ଟ ସମ୍ପର୍କରେ ମଧ ବିଧାୟକ ଅଖିଳ ଚନ୍ଦ୍ର

## ବୈତରଣୀ ନଦୀରେ ସସ୍ତ୍ରୀକ ମକର ବୁଡ଼ ଦେଲେ ମୁଖ୍ୟମନ୍ତ୍ରୀ

ନାଏକଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ରାଜନଗର ଦେଇ ବୋହିଯାଉଥିବା ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ରହିଛି ଜିଲ୍ଲାର ଐତିହାସିକ ପୀଠ ରଘୁନାଥଜିଉ ମଠ। ସେହି ପବିତ୍ର ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସହଧର୍ମିଣୀ ମକର ବୁଡ଼ ଦେଇଛନ୍ତି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ ମଧ ପବିତ୍ର ମକର ମେଳାରେ ବୁଡ଼ ପକାଇଛନ୍ତି। ଏହି ଅବସରରେ



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝରର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି। ମକର ସଂକ୍ରାନ୍ତି ଓଡ଼ିଶାର ଏକ ଗଣପର୍ବ। ଆଜି ଦିନ ଠାରୁ ସୂର୍ଯ୍ୟଦେବଙ୍କ ଉତ୍ତରାୟଣ ଆରମ୍ଭ ହୋଇଥାଏ। ଉତ୍ତରାୟଣ ପ୍ରଥମ ଉଦିତ ସୂର୍ଯ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ନମସ୍କାର, ତର୍ପଣ ଏବଂ ସୂର୍ଯ୍ୟ ନମସ୍କାର କରାଯାଏ। ଏହି ଦିନର ସ୍ନାନ ପୁଣ୍ୟଦାୟକ ବୋଲି ସେ କହିଥିଲେ।

ମକର ବୁଡ଼ ପାଇଁ ଜିଲ୍ଲା ପ୍ରଶାସନ କଡା ସୁରକ୍ଷା ବ୍ୟବସ୍ଥା କରିଥିବା ବେଳେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଧାକାନ୍ତ ମହାନ୍ତ, ବିଜେପି ନେତା ଦିଲ୍ଲୀପ ପଣ୍ଡା, ସିଡୁ ସାହୁ, ବିଶ୍ୱଜିତ ତ୍ରିପାଠୀ, ପ୍ରକାଶ ମଲ୍ଲିକ ସମେତ ଶତାଧିକ ଦଳୀୟ ପଦାଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଉପଜିଲ୍ଲାପାଳ ଉମା ଶଙ୍କର ଦଳେଇ, ଏସପି ନିତିନ କୁଶଳେଶ୍ୱର, ପାଟଣା ବିଡ଼ିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାଏକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତଙ୍କ ସହିତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ମକର ସଂକ୍ରାନ୍ତି ଅଭିନନ୍ଦନ

ଉତ୍ସାହ, ଉଦ୍ଦୀପନା ଓ ପରମ୍ପରାର ପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଓଡ଼ିଶାର ଏହି ମହାନ ପରମ୍ପରା ଆମ ସାମାଜିକ ଏକତା ଓ ସଂହତିକୁ ଆହୁରି ସୁଦୃଢ଼ କରୁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ରାଜ୍ୟର ପ୍ରଗତିର ଧାରା ଅବ୍ୟାହତ ରହୁ ଏବଂ ପ୍ରତ୍ୟେକ ପରିବାରରେ ହସଖୁସି ଭରିଯାଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାମନା କରିଛନ୍ତି।

## ବ୍ୟାସକବି ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ: ମୁଖ୍ୟମନ୍ତ୍ରୀ

ଆଧୁନିକ ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ପ୍ରଣାମ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ତାଙ୍କର ସଂଗ୍ରାମ ଏବଂ କାଳଜୟୀ ସାହିତ୍ୟ ଓଡ଼ିଆ ଜାତି ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

# ଖାଲି ପଦବି ତଥ୍ୟ ଦେଉ ନାହାନ୍ତି ଅଧିକାରୀ

## ସଚିବସ୍ତରୀୟ ବୈଠକ ପୂର୍ବରୁ ତଥ୍ୟ ଦିଅ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ସରକାରଙ୍କ ବୋଲ ମାନୁନାହାନ୍ତି ଅଧିକାରୀ। ଦେଉନାହାନ୍ତି ମାଗୁଥିବା ତଥ୍ୟ। ବାରମ୍ବାର ନିର୍ଦ୍ଦେଶ ପରେ ବି ଖାଲି ପଦବିର ତଥ୍ୟ ଦେଉନଥିବା ସୂଚନା ମିଳିଛି। ତେବେ ଆସନ୍ତାକାଲି (ଗୁରୁବାର)

### ପୁଲିସ, ଅଗ୍ନିଶମ, ଜେଲ ଡିଜି, ହାଇକୋର୍ଟ ରେଜିଷ୍ଟ୍ରରଙ୍କୁ ଗୃହ ବିଭାଗର ଚିଠି

ପୂର୍ବରୁ ତଥ୍ୟ ଦେବାକୁ ଚିଠି ଲେଖି ଜଣାଇଛନ୍ତି ଗୃହ ବିଭାଗ ସ୍ୱତନ୍ତ୍ର ସଚିବ। ଏ ନେଇ ପୁଲିସ ଡିଜି, ଅଗ୍ନିଶମ ଡିଜି, ଜେଲ୍ ଡିଜିଙ୍କ ସହ ହାଇକୋର୍ଟ ରେଜିଷ୍ଟ୍ରର ଓ ଜୁଡିସିଆଲ ଏକାଡେମୀକୁ ଗୃହ ବିଭାଗ ଚିଠି ଲେଖିଛି। ଗୁରୁବାର ସଚିବସ୍ତରୀୟ ବୈଠକ ପୂର୍ବରୁ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପୁଣି ହାଡ଼ଭଙ୍ଗା ଶୀତ

## ୧୭ ଯାଏ ଥରାଇବ, ୧୮ରୁ କମିବ

ଭୁବନେଶ୍ୱର,୧୪ ।୧(ବ୍ୟୁରୋ): ରାଜ୍ୟରେ ପୁଣି ହାଡ଼ଭଙ୍ଗା ଶୀତ ଅନୁଭୂତ ହେବ। ଉତ୍ତର ପଶ୍ଚିମ ତଥା ଉତ୍ତର ଦିଗରୁ ଥଣ୍ଡା ଶୁଷ୍କ ବାୟୁପ୍ରବାହ ବଢ଼ିଛି। ଏହା ଆହୁରି ଶକ୍ତିଶାଳୀ ହେଉଛି। ଏହା ପ୍ରଭାବରେ ୧୭ ତାରିଖ ଯାଏ ପୂରା ରାଜ୍ୟକୁ ଥରାଇବ ଶୀତ। କିନ୍ତୁ ପଶ୍ଚିମା ଝଡ଼ ପ୍ରଭାବରେ ୧୮ରୁ ପାଗ ମେଘୁଆ ରହିବ। ଏହା ତାପମାତ୍ରା ବଢ଼ାଇବା ସହ ଶୀତ କମିଯିବ। ପାଣିପାଗ ବିଶେଷଜ୍ଞ ଏଭଳି ପୂର୍ବାନୁମାନ କରିଛନ୍ତି। ଗୁରୁବାର ରାଉରକେଲା ଓ ଝାରସୁଗୁଡ଼ାରେ ପାରଦ ୫ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଫୁଲବାଣୀରେ ୬, ଅନୁଗୁଳ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୭ ଡିଗ୍ରୀ ରହିପାରେ। ରାଜ୍ୟର ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ୧୦ ଡିଗ୍ରୀ ତଳେ ବା ଏହାଠାରୁ ସାମାନ୍ୟ ଅଧିକ ରହିପାରେ। ଶୁକ୍ରବାର ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ଭୀଷଣ ଶୀତ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ ଦେଖାଇଛି।

ଦେଶର ମଧ୍ୟଭାଗରେ ଗୁରୁଚାପ ବଳୟ ସକ୍ରିୟ ଅଛି। ଏଥିପାଇଁ ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ବଢ଼ିଛି। ଜଳୀୟବାଷ୍ପର ପରିମାଣ ବି କମିଛି। ଏହାଫଳରେ ଶୀତର ପ୍ରକୋପ ବଢ଼ିପାରେ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି। ଜି ଉଦୟଗିରିରେ ରାତି ତାପମାତ୍ରା ପୁଣି ଥରେ ୪ ଡିଗ୍ରୀ ତଳକୁ ଖସିଛି। ଏହା ରାଜ୍ୟର ସବୁଠୁ ଥଣ୍ଡା ସ୍ଥାନ ପାଲଟିଛି। ଝାରସୁଗୁଡ଼ାରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୫.୭ ଡିଗ୍ରୀ ଖସିଯାଇଛି। ଏଠାରେ ପାରଦ ୬.୪ ଡିଗ୍ରୀ ରହିଛି। ଅନୁଗୁଳରେ ସ୍ୱାଭାବିକଠାରୁ ୫.୬ ଡିଗ୍ରୀ, କଟକରେ ୩ ଡିଗ୍ରୀ, ଭୁବନେଶ୍ୱରରେ ୩.୧ ଡିଗ୍ରୀ କମ୍ ରହିଥିଲା। ୭ ସହରରେ ପାରଦ ୧୦ ଡିଗ୍ରୀ ତଳେ ଥିଲା।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"

R-5282

SIKSHA 'O' ANUSANDHAN
(A Deemed to be University declared u/s. 3 of the UGC Act. 1956)
Khandagiri, Bhubaneswar-751030, Odisha

APPROVAL & RECOGNITIONS
Approved by UGC & AICTE
Accredited by NAAC with 'A++' Grade & NBA

NIRF India Ranking - 2025
15th Best in University Category
22nd Best in Engineering Category

TENDER NOTICE

Sealed tenders are invited from eligible, experienced and reliable vendors/supplier for the supply, installation, and commissioning of Equipment, Tools, and Consumable Items for setting up the AICTE-IDEA LAB at Institute of Technical Education and Research (ITER), Siksha 'O' Anusandhan (Deemed to be University). The Sealed Tender document should be submitted to Office of the Additional Dean (Academics), Jagmohan Nagar, Jagamara, ITER, Bhubaneswar-751030, Odisha. Detailed tender information and related documents are available on the Institute website:
www.soa.ac.in/iter/soa-aicte-idealab/tender-notice.
For any queries or clarifications, please contact: aicteidealab@soa.ac.in
Last date for submission: 17th January, 2026
www.soa.ac.in

SIKSHA 'O' ANUSANDHAN
(A Deemed to be University declared u/s. 3 of the UGC Act. 1956)
Khandagiri, Bhubaneswar-751030, Odisha

APPROVAL & RECOGNITIONS
Approved by UGC
Approved by National Medical Commission (NMC)
Re-accredited by NAAC with 'A++' Grade
UGC Category-I Graded Autonomy
Accredited by NABH & NABL
Accredited by NBA & ICAR

NIRF India Rankings - 2025
15th Best in University Category
22nd Best in Engineering Category
15th Best in Medical Category
9th Best in Dental Category
10th Best in Law Category
66th Best in Management Category

Advertisement for the Post of Research Staffs in ICSSR Sponsored Project

Applications are invited for Research Staffs under ICSSR sponsored special call for **Family and Family Systems in India (2025-26)** titled: "A Comprehensive Study of Family Based Rituals and Practices in Selected Coastal Districts of Odisha."

| Sl. No | Position | Qualification & Experience | Consolidated Salary/ month |
|---|---|---|---|
| 1 | Research Associate | Post graduate in any social science / management with minimum 55% marks and NET/SLET/M.Phil/Ph.D) with 2 years of research experience. | Rs.47,000/- |
| 2 | Research Assistant | Ph.D./M.Phil./ Post graduate in social science / management discipline with minimum 55%) | Rs.37,000/- |
| 3 | Field Investigator | Post graduate in any social science discipline with minimum 55% marks) | Rs.20,000/- |

The above positions are purely temporary and co-terminus with the aforementioned project. The tenure of Research Associate is 12 months, Research Assistant is 7 months & Field Investigator is 2 months, which may extend as per the requirement of the project. For field work, TA/DA will be paid as per rule. Interested eligible candidates may apply through email, with their complete CV to the Project Coordinator by 23rd January, 2026, at hrd@soa.ac.in.
Shortlisted candidates will be intimated through email only to appear the interview at ITER, SOA. No TA/DA will be paid for appearing the interview. For details, please visit https://www.soa.ac.in/
Project Coordinator: Dr. Sonali Das, Assistant Professor, Institute of Technical Education and Research (ITER), Siksha 'O' Anusandhan (Deemed to be University), Bhubaneswar, Odisha, India
Chief Co-ordinator, HRD
www.soa.ac.in

# ମାଞ୍ଜା ସୂତା ପାଇଁ ପୁଲିସ୍‌ର ଚଢ଼ଉ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ମାଞ୍ଜା ସୂତା ପାଇଁ ପୋଖରୀପୁଟ ଫ୍ଲାଏ ଓଭର ବ୍ରିଜ୍ ଗତକାଲି ଜଣେ ଯୁବକଙ୍କ ବେକ କଟି ଯାଇଥିଲା। ଏହି ଘଟଣା ପରେ କମିଶନରେଟ୍ ପୁଲିସ୍‌ର ନିଦ ଭାଙ୍ଗିଥିଲା। ଗତକାଲି ପୁଲିସ୍ ବିଭିନ୍ନ ଆଡେ ଚଢ଼ଉ କରିଥିଲା। ଏହି ଚଢ଼ଉ ଦ୍ୱିତୀୟ ଦିନରେ ପହଞ୍ଚିଛି। କ୍ୟାପିଟାଲ୍ ଥାନା ପୁଲିସ୍ ୟୁନିଟ-୧ ହାଟରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ମାରାତ୍ମକ ମାଞ୍ଜା ସୂତା ଜବତ କରିଛି। ସହରର ବିଭିନ୍ନ ଅଞ୍ଚଳରେ ଗୁଡି ଓ ମାଞ୍ଜା ସୂତା ମିଳୁଛି। ହେଲେ ଚାଇନା ମାଞ୍ଜା ସୂତା ଓ ଅନ୍ୟ ମାରାତ୍ମକ ପ୍ଲାଷ୍ଟିକ୍ ସୂତା ୟୁନିଟ୍-୧ ହାଟରେ ମିଳୁଛି। ସେଥିପାଇଁ ଗ୍ରାହକଙ୍କ ଭିଡ଼ ହେଉଛି। କ୍ୟାପିଟାଲ୍ ଥାନା ଆଇଆଇସି ରାଧାକାନ୍ତ ସାହୁ ବିଭିନ୍ନ ଦୋକାନରେ ଚଢ଼ଉ କରି ସୂତା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କାଚଗୁଣ୍ଡ ବା ତୀକ୍ଷ୍ଣ ପଦାର୍ଥରେ ପ୍ରସ୍ତୁତ ମାଞ୍ଜା ସୂତା ଓ ପ୍ଲାଷ୍ଟିକ୍ ସୂତାକୁ ପୁଲିସ୍ ଜବତ କରିଥିଲା। ମାଞ୍ଜା ସୂତାରେ ଯୁବକଙ୍କ ବେକ କଟିବା ପରେ ପୁଲିସ୍ ଏବେ ସଚେତନ କରିବାକୁ ଅଣ୍ଟା ଭିଡ଼ିଛି।

## ୧୭ରୁ ଜିଲ୍ଲା ବୁଲିବ ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ଆସନ୍ତା ୧୭ରୁ ପର୍ଯ୍ୟାୟକ୍ରମେ ପ୍ରତି ଜିଲ୍ଲାକୁ ଯିବ ପ୍ରଦେଶ କଂଗ୍ରେସର ସମବାୟ ପ୍ରକୋଷ୍ଠ। ସମବାୟ ସଂସ୍ଥାର କେମିତି ଉନ୍ନତି ହେବ ସେବିଷୟରେ ସମବାୟବିତ୍‌ଙ୍କ ସହ ଆଲୋଚନା କରିବ। ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇଏକ ପ୍ରେସ ବିବୃତିରେ କହିଛନ୍ତି, ବିଗତ ୨୫ ବର୍ଷ ମଧ୍ୟରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ଆଡ଼କୁ ଗତି କରିଚାଲିଛି। ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ସମବାୟକୁ ସମୃଦ୍ଧିଶାଳୀ କରି ଗଢି ତୋଳିବା ପାଇଁ କଂଗ୍ରେସ କାମ କରିବ। ଆସନ୍ତା ୧୭ ତାରିଖରେ ପ୍ରଥମେ ଗଞ୍ଜାମ ଜିଲ୍ଲାର ବାପୁଜୀ ଆଶ୍ରମଠାରେ ଜିଲ୍ଲା କଂଗ୍ରେସ ସମବାୟ ପ୍ରକୋଷ୍ଠର ପ୍ରଥମ ବୈଠକ ହେବ।




